# India assumes the Presidency of the UNSC for the month of December 2022

December 01, 2022

## ଡିସେମ୍ବର 2022 ପାଇଁ ଭାରତ ଜାତିସଂଘ ସୁରକ୍ଷା ପରିଷଦର ଅଧ୍ୟକ୍ଷତା ଗ୍ରହଣ କରିଛି

ଡିସେମ୍ବର 01, 2022

ଡିସେମ୍ବର ମାସ ପାଇଁ ଭାରତ ଆଜି ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅଧ୍ୟକ୍ଷତା ଗ୍ରହଣ କରିଛି। ଜାତିସଂଘ ସୁରକ୍ଷା ପରିଷଦର ନିର୍ବାଚିତ ସଦସ୍ୟ ଭାବରେ ନିଜର ଦୁଇ ବର୍ଷ କାର୍ଯ୍ୟକାଳ [2021-2022] ମଧ୍ୟରେ ଦ୍ୱିତୀୟ ଥର ପାଇଁ  ଭାରତ ଏହି ପରିଷଦର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଛି। ଏହା ପୂର୍ବରୁ ଅଗଷ୍ଟ 2021 ରେ ଭାରତ ଅଧ୍ୟକ୍ଷତା ଗ୍ରହଣ କରିଥିଲା।

2. ସୁରକ୍ଷା ପରିଷଦର ଡିସେମ୍ବର ମାସରେ ଅଧ୍ୟକ୍ଷତା ସମୟରେ 14 ଓ 15 ଡିସେମ୍ବର 2022 ରେ ସଂସ୍କାରିତ ବହୁପକ୍ଷୀୟତା ଓ ଆତଙ୍କବାଦର ମୁକାବିଲା ଉପରେ ଦୁଇଟି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହେବାର ଅଛି ଯେଉଁଥିରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଅଧ୍ୟକ୍ଷତା କରିବେ।

3. 14 ଡିସେମ୍ବରରେ ଆୟୋଜିତ ହେବାକୁଥିବା "ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ରକ୍ଷା: ସଂସ୍କାରିତ ବହୁପକ୍ଷୀୟତା ପାଇଁ ନୂତନ ଆଭିମୁଖ୍ୟ" ଶୀର୍ଷକ ଉଚ୍ଚସ୍ତରୀୟ ଖୋଲା ତର୍କ ବିତର୍କ ଜରିଆରେ ମିଳିତ ଜାତିସଂଘ ସମେତ ବର୍ତ୍ତମାନର ବହୁପକ୍ଷୀୟ ସଂଗଠନଗୁଡ଼ିକୁ ଅଧିକ ପ୍ରତିନିଧିମୂଳକ ଓ ଉଦ୍ଦେଶ୍ୟମୂଳକ କରିବା ପାଇଁ ମିଳିତ ଜାତିସଂଘ ସଦସ୍ୟ ରାଷ୍ଟ୍ରମାନଙ୍କୁ ଏଗୁଡ଼ିକରେ ସଂସ୍କାର ଉପରେ ଆଲୋଚନାକୁ ଆଗକୁ ନେବାକୁ ଉତ୍ସାହିତ କରାଯିବ। 15 ଡିସେମ୍ବରରେ ଆୟୋଜିତ ହେବାକୁଥିବା "ଆତଙ୍କବାଦୀ କାର୍ଯ୍ୟକଳାପ ଦ୍ୱାରା ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷା ପ୍ରତି ସୃଷ୍ଟି ହୋଇଥିବା ବିପଦ: ଆତଙ୍କବାଦ ମୁକାବିଲା ପାଇଁ ବୈଶ୍ୱିକ ଆଭିମୁଖ୍ୟ – ଆହ୍ୱାନ ଓ ଭବିଷ୍ୟତ ପାଇଁ ପଥ" ଶୀର୍ଷକ ଏକ ଉଚ୍ଚସ୍ତରୀୟ ସଂକ୍ଷିପ୍ତ ଆଲୋଚନା ମାଧ୍ୟମରେ ଏକ ବିଶ୍ୱ ଆତଙ୍କବାଦ ବିରୋଧୀ ଢାଞ୍ଚାକୁ ନେଇ ବ୍ୟାପକ ନୀତି ଉପରେ ସହମତି ପ୍ରାପ୍ତ କରିବାକୁ ପ୍ରୟାସ କରାଯିବ ଏବଂ ଅକ୍ଟୋବରରେ ଭାରତରେ ଅନୁଷ୍ଠିତ ଆତଙ୍କବାଦ ବିରୋଧୀ କମିଟିର ସ୍ୱତନ୍ତ୍ର ବୈଠକରେ ଗୃହୀତ ଦିଲ୍ଲୀ ଘୋଷଣାନାମାକୁ ଆଗକୁ ବଢାଇବାକୁ ଲକ୍ଷ୍ୟ ରଖାଯିବ।

4. ଭାରତର ଅଧ୍ୟକ୍ଷତା ଅଧୀନରେ ଦୁଇଟି ପ୍ରମୁଖ କାର୍ଯ୍ୟକ୍ରମ ବ୍ୟତୀତ, ପରିଷଦର କେତେକ ଗୁରୁତ୍ୱପୂର୍ଣ୍ଣ ଫାଇଲ ଉପରେ ଆଲୋଚନା ହେବ ବୋଲି ଆଶା କରାଯାଉଛି, ଯେପରିକି ସିରିଆ ଏବଂ ୟେମେନ [ମଧ୍ୟ ପ୍ରାଚ୍ୟ], ଦା'ଏଶ/ଆଇଏସଆଇଏଲ ଦ୍ୱାରା କରାଯାଇଥିବା ଅପରାଧ ପାଇଁ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଜାତିସଂଘର ଅନୁସନ୍ଧାନକାରୀ ଦଳ [ୟୁନିଟାଡ], ସୁଦାନରେ ମିଳିତ ଜାତିସଂଘର ସମନ୍ୱିତ ଟ୍ରାନଜିସନ ସହାୟତା ମିଶନ [ୟୁନିଟାମସ], କଙ୍ଗୋରେ ମିଳିତ ଜାତିସଂଘର ସଂଗଠନ ସ୍ଥିରତା ମିଶନ [ମୋନୁସ୍କୋ], ମାନବିକତା ବ୍ୟାପାର ସମନ୍ୱୟ ପାଇଁ ମିଳିତ ଜାତିସଂଘ କାର୍ଯ୍ୟାଳୟ [ୟୁନୋକୋ], ଅପରାଧୀ ଟ୍ରିବ୍ୟୁନାଲ ପାଇଁ ଆନ୍ତର୍ଜାତିକ ରେସିଡୁଆଲ ମେକାନିଜିମ [ଆଇଆରଏମସିଟି], ଦକ୍ଷିଣ ସୁଦାନରେ ମଧ୍ୟ ପ୍ରାଚ୍ୟ ତଥା ମିଳିତ ଜାତିସଂଘର ମିଶନ [ୟୁଏନମିଶ], ଲିବିଆରେ ମିଳିତ ଜାତିସଂଘର ସହାୟତା ମିଶନ [ୟୁଏନଏସଏମଆଇଏଲ], ଡେମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋ [ଡିଆରସି] ଏବଂ ମିଳିତ ଜାତିସଂଘର ଡିସଏନଗେଜମେଣ୍ଟ ପର୍ଯ୍ୟବେକ୍ଷକ ସୈନ୍ୟବଳ [ୟୁଏନଡିଓଏଫ]। 20 ଡିସେମ୍ବରରେ ଆଫଗାନିସ୍ତାନ [ଆଫଗାନିସ୍ତାନରେ ମିଳିତ ଜାତିସଂଘର ସହାୟତା ମିଶନ (ୟୁନାମା)] ଉପରେ ଏକ ସଂକ୍ଷିପ୍ତ ଆଲୋଚନା ଓ ବିଚାର ବିମର୍ଷ ମଧ୍ୟ ହେବାର କାର୍ଯ୍ୟକ୍ରମ ଅଛି।  1988 ତାଲିବାନ ପ୍ରତିବନ୍ଧକ କମିଟି, ମୋନୁସ୍କୋ ଏବଂ ୟୁଏନଡିଓଏଫ ପାଇଁ ତିନୋଟି ନିର୍ଦ୍ଦେଶ ନବୀକରଣ ହେବାର ଅଛି।

**ନୂଆଦିଲ୍ଲୀ**

**ଡିସେମ୍ବର 01, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.